# 'ଛାତ୍ରମାନେ ହେଲେ ଦେଶର ମେରୁଦଣ୍ଡ'

ଭାରତକେଶ। ଅଫିସ/କାଂଶବାହାଲ (ଭି.ଏନ.ଏ.), ୨୪।୧୦-ସୁନ୍ଦରଗଡ଼ ଜିଲାର କାଂଶବାହାଲସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ରଡକ୍ସନ ମ୍ୟାନେଜମେଣ୍ଟ (ଆଇଆଇପିଏମ୍)ରେ ଶୁକ୍ରବାର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଇସିଆଇସିଆଇ ୱିନ୍‌ସ୍କୁ କୋଲକାତାର ନିର୍ଦ୍ଦେଶକ ଡ଼. ଦେବାଶିଷ ସେନଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସେନଗୁପ୍ତା କହିଲେ ଯେ, ୧୯୮୩ ମସିହାରେ ପ୍ରତିଷ୍ଠିତ ଆଇଆଇପିଏମ ଆଜି ୨୫ ବର୍ଷରେ ପଦାର୍ପଣ କରିଛି । ଜଗତୀକରଣ କ୍ଷେତ୍ରରେ ଭାରତ ପ୍ରଗତି କରୁଛି । ଛାତ୍ରମାନେ ହେଲେ ଦେଶର ମେରୁଦଣ୍ଡ । ତେଣୁ ଏହି ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ଛାତ୍ରମାନେ ଦେଶର ପ୍ରଗତିରେ ସାରଥୀ ସାଜିବେ ବୋଲି ଶ୍ରୀ ସେନଗୁପ୍ତା କହିଥିଲେ । ସମ୍ମାନିତ ଅତିଥି ଭାବେ ଟାଟା ଷ୍ଟିଲର ପରିଚାଳନା ନିର୍ଦ୍ଦେଶକଙ୍କ ଉପଦେଷ୍ଟା ଦୀପଙ୍କର ସେନଗୁପ୍ତା ଯୋଗଦେଇ କହିଲେ, ଭାରତ ଅର୍ଥନୈତିକ କ୍ଷେତ୍ରରେ ଏବେ ସ୍ୱଚ୍ଛଳ ହୋଇପାରିନାହିଁ । ବର୍ତ୍ତମାନ ପରିସ୍ଥିତିରେ ଦେଶ ପାଇଁ ଉତ୍ସାହୀ, ପରିଶ୍ରମୀ ତଥା ଦକ୍ଷ ଲୋକଙ୍କ ଆବଶ୍ୟକତା ରହିଛି । ଆଇଆଇପିଏମ ଏଭଳି ଦକ୍ଷ ଛାତ୍ର ସୃଷ୍ଟି କରିପାରିଥିବାରୁ ସେ ଆନନ୍ଦ

## ଆଇଆଇପିଏମ୍‌ର ରୌପ୍ୟ ଜୟନ୍ତୀ

ପ୍ରକାଶ କରିଥିଲେ । ପ୍ରଫେସର ଜି.ସି. ମହାପାତ୍ର କହିଲେ ଯେ, କୌଣସି ଅନୁଷ୍ଠାନ ଆରମ୍ଭରୁ ବଡ଼ ହୋଇ ନ ଥାଏ । ଏହାକୁ ବଡ଼ କରାଯାଇଥାଏ । ଅନ୍ୟତମ ସମ୍ମାନିତ ଅତିଥି ଏଲଏଣ୍ଡଟି କାଂଶବାହାଲର ଭାଇସ ପ୍ରେସିଡେଣ୍ଟ ଏ.ପି. ମିଶ୍ର ଆଇଆଇପିଏମର ଉଦ୍ୟମକୁ ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ସ୍ମରଣିକା ବିଶେଷାଙ୍କର ଉନ୍ମୋଚନ କରିଥିଲେ ।

ସ୍ୱାଗତ ଭାଷଣରେ, ଆଇଆଇପିଏମର ଉପନିର୍ଦ୍ଦେଶକ ଡ଼. ମିହିର ରଞ୍ଜନ ନାୟକ କହିଲେ, ଗତ ୨୫ ବର୍ଷ ଧରି ଦେଶର ପ୍ରାୟ ୪୦ ହଜାର ଗ୍ରାଜୁଏଟ୍ ଓ ଡିପ୍ଲୋମାଧାରୀଙ୍କୁ ତାଲିମ ଦିଆଯାଇଛି । ୯୦ଟି ଅନ୍ୟ ଦେଶର ୧୨୦୦ ଡିଗ୍ରୀଧାରୀଙ୍କୁ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ ତାଲିମ୍ ଦିଆଯାଇଛି । ଏହି ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ଛାତ୍ରମାନେ ଆଜି ଦେଶର ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନରେ କାର୍ଯ୍ୟ କରୁଛନ୍ତି । ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅନୁଷ୍ଠାନର କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଆର.ଏନ. ପାଲ ଧନ୍ୟବାଦ ଦେବା ପରେ ଆଇଆଇପିଏମ୍‌ର ୨୫ ବର୍ଷ ଯାତ୍ରାରେ ଏକ ଫଟୋ ଗ୍ୟାଲେରୀକୁ ଉଦ୍‌ଘାଟନ କରାଯାଇଥିଲା ।